# NATIONAL NEWS BULLETIN (ODIA)

**13 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

---

- ୨୦୦୧ ମସିହା ଆଜିର ଦିନରେ ସଂସଦ ଉପରେ ଆକ୍ରମଣରେ ସହିଦ୍ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

– ବୀର ସୁରକ୍ଷାକର୍ମୀଙ୍କୁ ସମ୍ମାନ ଜଣାଇଲେ ସଂସଦର ଉଭୟ ଗୃହର ସଦସ୍ୟ ।

- ଶାସକ ଓ ବିରୋଧୀଙ୍କ ମଧ୍ୟରେ ହଟ୍ଟଗୋଳ ଯୋଗୁଁ ଆଜି ଦିନକ ରାଜ୍ୟସଭା ମୁଲତବୀ ଘୋଷଣା ।

- ସର୍ବକନିଷ୍ଠ ବିଶ୍ୱ ଚେସ୍ ଚମ୍ପିଆନ ଡି.ଗୁକେଶଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଲେ ଉଭୟ ଲୋକସଭା ଓ ରାଜ୍ୟସଭା ।

- ଛତିଶଗଡ଼ରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳିବିନିମୟ; ଦୁଇ ମାଓବାଦୀ ମୃତ

ଏବଂ

- ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଆଜି ଘୋଷଣା କରିବେ ନୂଆ ପ୍ରଧାନମନ୍ତ୍ରୀଙ୍କ ନାମ ।

# ପ୍ରେଜ୍-ପିଏମ୍ ପାର୍ଲାମେଣ୍ଟ ଆଟାକ୍

୨୦୦୧ ମସିହା ଆଜିର ଦିନରେ ଆତଙ୍କବାଦୀ ଆକ୍ରମଣରୁ ସଂସଦକୁ ରକ୍ଷା କରିବା ପାଇଁ ସହିଦ ହୋଇଥିବା ବୀର ଯବାନମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି' ସୁରକ୍ଷା କର୍ମୀଙ୍କ ସାହସ ଏବଂ ନିଃସ୍ୱାର୍ଥପର ସେବାକୁ ମନେ ପକାଇ କହିଛନ୍ତି, ସେମାନେ ଦେଶକୁ ପ୍ରେରଣା ଦେଉଛନ୍ତି । ରାଷ୍ଟ୍ରପତି ମୁର୍ମୁ ଆହୁରି ମଧ୍ୟ କହିଛନ୍ତି, ଦେଶ ସେମାନଙ୍କ ପ୍ରତି ଏବଂ ସେମାନଙ୍କ ପରିବାର ପ୍ରତି ଗଭୀର କୃତଜ୍ଞ। ରାଷ୍ଟ୍ରପତି ଆତଙ୍କବାଦର ମୁକାବିଲା ପାଇଁ ଭାରତର ଅତୁଟ ସଂକଳ୍ପକୁ ଦୋହରାଇବା ସହ ଆତଙ୍କବାଦ ବିରୋଧରେ ଦେଶ ଏକଜୁଟ ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଅନ୍ୟପକ୍ଷରେ, ସହିଦଙ୍କ ବଳିଦାନ ଦେଶକୁ ସବୁଦିନ ପାଇଁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେମାନଙ୍କ ସାହସ ଓ ସମର୍ପଣ ପାଇଁ ଦେଶ ସର୍ବଦା କୃତଜ୍ଞ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

# ପାର୍ଲାମେଣ୍ଟ-ଟ୍ରିବ୍ୟୁଟ୍ସ

୨୦୦୧ ସଂସଦ ଆକ୍ରମଣର ସହିଦମାନଙ୍କୁ ଆଜି ଉଭୟ ଲୋକସଭା ଓ ରାଜ୍ୟସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବୀର ସୁରକ୍ଷାକର୍ମୀଙ୍କୁ ସମ୍ମାନ ଜଣାଇ ଉଭୟ ଗୃହର ସଦସ୍ୟମାନେ ନୀରବ ପ୍ରାର୍ଥନା କରିଥିଲେ। ଲୋକସଭା କାର୍ଯ୍ୟ ଆରମ୍ଭ ହେବା ବେଳେ ବାଚସ୍ପତି ଓମ୍ ବିର୍ଲା କହିଥିଲେ, ୨୦୦୧ ମସିହା ଆଜିର ଦିନରେ ସଂସଦର

ସଚେତନ ସୁରକ୍ଷାକର୍ମୀମାନେ ଆତଙ୍କବାଦୀଙ୍କ ବିରୋଧରେ ସାହସ ଓ ବୀରତ୍ୱ ପ୍ରଦର୍ଶନ କରି ସେମାନଙ୍କ ପ୍ରୟାସକୁ ପଣ୍ଡ କରିଦେଇଥିଲେ। ଆତଙ୍କବାଦୀ ଆକ୍ରମଣରେ ସଂସଦ ସୁରକ୍ଷା ସେବା, ଦିଲ୍ଲୀ ପୋଲିସ, ସିଆର୍‌ପିଏଫ୍‌ର ୮ ଜଣ ସୁରକ୍ଷାକର୍ମୀ ଏବଂ ସି.ପି.ଡବ୍ଲ୍ୟୁ.ଡି.ର ଜଣେ କର୍ମଚାରୀ ସହିଦ ହୋଇଥିଲେ। ଏହି ଅବସରରେ ଗୃହ ଆତଙ୍କବାଦ ବିରୋଧରେ ଦୃଢ଼ତାର ସହ ଲଢ଼ିବା ପାଇଁ ସଂକଳ୍ପ ଗ୍ରହଣ କରିଛି।

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି, ସଂସଦ ଉପରେ ହୋଇଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣର ଆଜି ୨୩ତମ ବାର୍ଷିକୀ। ସେ କହିଛନ୍ତି, ସୁରକ୍ଷା କର୍ମୀଙ୍କ ଦୃଢ଼ ସାହସିକତା ଆତଙ୍କବାଦୀଙ୍କ ଯୋଜନାକୁ ବିଫଳ କରିବାରେ  ସଫଳ ହୋଇଥିଲା। ଜାତୀୟ ନିରାପତ୍ତା ପ୍ରତି ଆହ୍ୱାନର ମୁକାବିଲା ପାଇଁ ସତର୍କତା ଓ ଏକତାର ଆବଶ୍ୟକତାକୁ ମଧ୍ୟ ଏହି ଦିବସରେ ମନେ ପକାଇବା ଉଚିତ ବୋଲି ସେ କହିଛନ୍ତି। ଆମର ଏକତା, ସ୍ୱାଧୀନତା ଓ ନ୍ୟାୟକୁ ବଜାୟ ରଖିବା ପାଇଁ ଦେଶବାସୀ ଦୃଢତାରେ ଅଟଳ ରହିବା ଦରକାର ବୋଲି ସେ କହିଛନ୍ତି ।

## ରାଜ୍ୟସଭା-ଆଡଜର୍ଣ୍ଣଡ୍

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗରେ ଶାସକ ଓ ବିରୋଧୀ ସଦସ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ରାଜ୍ୟସଭାକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ଏହି ପ୍ରସ୍ତାବ ଆଣିଥିଲେ। ଗତ ୩୦ ବର୍ଷ ମଧ୍ୟରେ ଅଧ୍ୟକ୍ଷଙ୍କ ବିରୋଧରେ ଏବଂ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କେତେ ନୋଟିସ୍ ଆସିଛି ତାହା ଗୃହରେ ବିଚାର କରାଯିବା ଉଚିତ ବୋଲି ଶ୍ରୀ

ଧନଖଡ଼ ଗୃହକୁ ଜଣାଇଥିଲେ। ବିରୋଧୀ ସଦସ୍ୟଙ୍କ ଆଚରଣ ଓ ଗୃହ ବାହାରେ ସେମାନଙ୍କ ଆପତ୍ତିଜନକ ବୟାନକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଙ୍କ ବିରୋଧରେ ପ୍ରସ୍ତାବ ଆଣିବାର ଅଧିକାର ବିରୋଧୀଙ୍କ ରହିଛି ଏବଂ ସେମାନେ ସମ୍ବିଧାନ ଉଲ୍ଲଂଘନ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ୧୪ ଦିନ ପରେ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ମୁଖ୍ୟ ବିରୋଧୀ ଦଳ ବାରମ୍ବାର ସାମ୍ବିଧାନିକ ବ୍ୟବସ୍ଥାରୁ ବିଚ୍ୟୁତ ହୋଇ ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯାନ ଚଳାଇଛନ୍ତି। ଅଚଳାବସ୍ଥା ଦୂର କରିବା ପାଇଁ ଗୃହ ନେତାଙ୍କ ସହ ଆଲୋଚନା ପାଇଁ ସମୟ ବାହାର କରିବାକୁ ସେ ବିରୋଧୀ ଦଳ ନେତାଙ୍କୁ ନିବେଦନ କରିଛନ୍ତି।

ରାଜ୍ୟସଭା ଅଧ୍ୟକ୍ଷ କହିଛନ୍ତି, ସେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ପ୍ରତି ସର୍ବୋଚ୍ଚ ସମ୍ମାନ ପ୍ରଦର୍ଶନ କରିଛନ୍ତି ଏବଂ ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ତାଙ୍କ ସହଯୋଗ ଲୋଡ଼ିଛନ୍ତି। ବାରମ୍ବାର ନିବେଦନ ସତ୍ତ୍ୱେ ଉତ୍ତେଜନାପୂର୍ଣ୍ଣ ଯୁକ୍ତିତର୍କ ଜାରି ରହିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି।

## ପାର୍ଲାମେଣ୍ଟ– ଡି ଗୁକେଶ

ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିୟନ ଡି. ଗୁକେଶଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଲୋକସଭା ଏବଂ ରାଜ୍ୟସଭା ଅଭିନନ୍ଦନ ଜଣାଇଛନ୍ତି। ୧୮ ବର୍ଷୀୟ ଡି.ଗୁକେଶ ଗତକାଲି ଚୀନର ଡିଙ୍ଗ ଲିରେନଙ୍କୁ କଡ଼ା ମୁକାବିଲାରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ରାଜ୍ୟସଭା ଅଧ୍ୟକ୍ଷ

ଜଗଦୀପ ଧନଖଡ଼ କହିଛନ୍ତି, ଏହି ବିଜୟ ବିଶ୍ୱ ଦିଗନ୍ତରେ ପ୍ରତ୍ୟେକ କ୍ଷେତ୍ରରେ ଭାରତର ଉଜ୍ଜ୍ୱଳ ବିକାଶକୁ ସମର୍ଥନ କରୁଛି । ଏହି ବିଜୟ ବିଶ୍ୱ ମଞ୍ଚରେ ଭାରତର ଯୁବ ଖେଳାଳିଙ୍କ ଆଧିପତ୍ୟ ଜାହିର କରିବାର ପ୍ରତୀକ ବୋଲି ସେ କହିଛନ୍ତି। ଏହି ସଫଳତା ୨୦୩୬ ଅଲିମ୍ପିକ୍ସ ପାଇଁ ଦେଶର ସଂକଳ୍ପକୁ ଦୃଢ଼ କରିଛି ବୋଲି ସେ କହିଛନ୍ତି। ଲୋକସଭା ବାଚସ୍ପତି ଓମ୍ ବିର୍ଲା ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିୟନ ହୋଇଥିବାରୁ ଡି ଗୁକେଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ଦେଶର ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ସେ କହିଛନ୍ତି। ଏହା ସମଗ୍ର ଦେଶକୁ ଆନନ୍ଦିତ କରିବା ସହ ଦେଶ ପାଇଁ ଗୌରବ ଆଣିଛି ବୋଲି ସେ କହିଛନ୍ତି।

## ଛତିଶଗଡ଼- ମାଓଇଷ୍ଟ ଏନ୍‌କାଉଣ୍ଟର

ଛତିଶଗଡ଼ରେ ଆଜି ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୨ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ବିଜାପୁର ଜିଲ୍ଲାର ବାସାଗୁଡା ଅଞ୍ଚଳରେ ସିଆର୍‌ପିଏଫ୍‌ର କୋବ୍ରା ବାଟାଲିୟନ ଏବଂ ଜିଲ୍ଲା ରିଜର୍ଭ ଗାର୍ଡ-ଡିଆରଜିର ମିଳିତ ଟିମ୍ ଅନୁସନ୍ଧାନ କରୁଥିବା ସମୟରେ ଗୁଳି ବିନିମୟ ଘଟିଥିଲା। ଗୁଳିବିନିମୟରେ ଦୁଇ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା।

ସୁରକ୍ଷାବାହିନୀ ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଏବେ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି।

## ଏଲ୍‌ଏସ୍- ଆର.ଏ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର କହିଛନ୍ତି, ନିଯୁକ୍ତି ଏଜେନ୍ସି ଦ୍ୱାରା ଉଲ୍ଲଂଘନ କ୍ଷେତ୍ରରେ ସରକାର ସର୍ବଦା ସେମାନଙ୍କ

ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ଏବଂ ପ୍ରବାସୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତି।

ଲୋକସଭାରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତ. ଦେଶରେ ୨ହଜାର ୧୬୪ଟି ନିଯୁକ୍ତି ଏଜେନ୍ସି ପଞ୍ଜୀକୃତ ଅଛନ୍ତି। ସେ କହିଛନ୍ତି, ଯେଉଁଠି କୌଣସି ପ୍ରକାର ତ୍ରୁଟି ଦେଖାଦିଏ ସେ କ୍ଷେତ୍ରରେ ନିଯୁକ୍ତି ଏଜେନ୍ସିଙ୍କର ଲାଇସେନ୍ସ ରଦ୍ଦ କରାଯାଇଥାଏ।

ଡଃ ଜୟଶଙ୍କର ସୂଚନା ଦେଇଛନ୍ତି, କାମ୍ବୋଡିଆ ଏବଂ ମିଆଁମାର ମାମଲାରେ ମନ୍ତ୍ରଣାଳୟ ଏହି ଏଜେନ୍ସିଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରମାନଙ୍କୁ ସୁପାରିସ କରିଛି। ଅଧିକ ଦରମାରେ ଚାକିରି ଦେବା ନାଁରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରଲୋଭନ ଦେଖାଉଥିବା ଠକ ସଂସ୍ଥା ଓ ପୋର୍ଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। କାମ୍ବୋଡିଆରେ ୧ହଜାର ୧୬୭ ଜଣ ଏବଂ ମିଆଁମାରରେ ୪୯୭ ଜଣ ଫସି ରହିଥିବା ଭାରତୀୟଙ୍କୁ ଦେଶକୁ ଅଣାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ଆର୍‌ବିଆଇ- ବମ୍ବ୍ ଥ୍ରିଏଟ୍ ଇମେଲ୍

ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଇମେଲ୍ ଜରିଆରେ ବୋମା ଧମକ ମିଳିଛି। ରୁଷୀୟ ଭାଷାରେ ଲେଖାଯାଇଥିବା ଏହି ଇମେଲ୍ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟକୁ ପଠାଯାଇଥିଲା। ମୁମ୍ବାଇର ମାତା ରମାବାଇ ଆମ୍ବେଦକର ମାର୍ଗ ଥାନାରେ ପୁଲିସ ଏକ ମାମଲା ରୁଜୁ କରି ମେଲ୍ ପଠାଇଥିବା ଲୋକଙ୍କୁ ଠାବ କରିବା ଲାଗି ଉଦ୍ୟମ ଜାରି ରଖିଛି। ଗୋଟିଏ ମାସ ମଧ୍ୟରେ ଦ୍ୱିତୀୟ ଥର ଲାଗି ବୋମା ଧମକ ମିଳିଛି।

# ମୁଖ୍ୟ ଶାସନ ସଚିବ ସମ୍ମିଳନୀ

ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ମୁଖ୍ୟ ଶାସନ ସଚିବମାନଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ସମ୍ମିଳନୀରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ ଆଲୋଚନା ହେବ। ଏହାସହ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଉଦ୍ୟମିତା, ଦକ୍ଷତା ବିକାଶ, ନବୀକରଣ ଉର୍ଜା, ନିରନ୍ତର ବିକାଶ ଆଦି ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି।

# ଫ୍ରାନ୍ସ ନ୍ୟୁ ପିଏମ୍

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଆଜି ନୂଆ ପ୍ରଧାନମନ୍ତ୍ରୀଙ୍କ ନାମ ଘୋଷଣା କରିବେ। ପୂର୍ବରୁ ପ୍ରଧାନମନ୍ତ୍ରୀ ମିସେଲ ବାର୍ନିୟର ଗତ ସପ୍ତାହରେ ଇସ୍ତଫା ଦେଇଥିଲେ। ଆସନ୍ତାକାଲି ସକାଳେ ପ୍ରଧାନମନ୍ତ୍ରୀଙ୍କ ନାମ ପ୍ରକାଶ ପାଇବ। ଆଧୁନିକ ଫ୍ରାନ୍ସ ଇତିହାସରେ କୌଣସି ପ୍ରଧାନମନ୍ତ୍ରୀଙ୍କ ସର୍ବନିମ୍ନ କାର୍ଯ୍ୟକାଳ, ମାତ୍ର ତିନି ମାସ କ୍ଷମତାରେ ରହିବା ପରେ ବାର୍ନିୟର ଇସ୍ତଫା ଦେଇଥିଲେ। ଗୁରୁବାର ଦିନ ମାକ୍ରୋନ୍ ୟୁରୋପୀୟ ସଂଘ ଏବଂ ନାଟୋର ପ୍ରମୁଖ ସହଯୋଗୀ ପୋଲାଣ୍ଡ ଗସ୍ତରେ ଫ୍ରାନ୍ସ ଛାଡିଥିଲେ ମଧ୍ୟ ଏହି ନିଯୁକ୍ତିକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ତାଙ୍କ ଗସ୍ତକୁ ସଂକ୍ଷିପ୍ତ କରିଥିଲେ।

# ଭିପି-ଏମ୍‌ପି ଭିଜିଟ୍‌

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତା ରବିବାର ମଧ୍ୟପ୍ରଦେଶର ଗ୍ୱାଲିୟର ଗସ୍ତରେ ଯିବେ। ଏହି ଗସ୍ତ ସମୟରେ ଉପରାଷ୍ଟ୍ରପତି 'ଜିଓ ସାଇନ୍ସ ମ୍ୟୁଜିୟମ'ର ଉଦଘାଟନ କରିବା ସହ ଗ୍ୱାଲିୟରର ଜିଓ୍ୱାଜୀ ବିଶ୍ୱବିଦ୍ୟାଳୟରେ ଶ୍ରୀମନ୍ତ ଜୀଓ୍ୱାଜିରାଓ ସିନ୍ଧିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ।

# କ୍ରିକେଟ୍‌

ସୟଦ୍‌ ମୁସ୍ତାକ ଅଲି ଟ୍ରଫିର ସେମିଫାଇନାଲ୍‌ ମ୍ୟାଚ୍‌ ଆଜି ବେଙ୍ଗାଲୁରୁର ଏମ୍‌. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯାଉଛି। ପ୍ରଥମ ମ୍ୟାଚ୍‌ରେ ବରୋଦା ଏବଂ ମୁମ୍ବାଇ ମଧ୍ୟରେ ମୁକାବିଲା ଚାଲିଛି। ମୁମ୍ବାଇ ଟସ୍‌ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବରୋଦା ୨୦ ଓଭରରେ ୭ଟି ଓ୍ୱିକେଟ୍‌ ହରାଇ ୧୫୮ ରନ୍‌ କରିଛି। ଏହାର ଜବାବରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ  ମୁମ୍ବାଇ ୯ ଓଭରରେ ଗୋଟିଏ ଓ୍ୱିକେଟ୍‌ ହରାଇ ଅଣାନବେ ରନ୍‌ କରିଚି। ଅପରାହ୍ଣ ସାଢ଼େ ୪ଟାରେ ଦିଲ୍ଲୀ ଓ ମଧ୍ୟପ୍ରଦେଶ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍‌ ଖେଳାଯିବ ।